# ପିଲାମାନଙ୍କ ପାଇଁ ବାଇବଲ

ଉପହାର

## ଅପବ୍ୟୟୀ ପୁତ୍ର



ଲେଖକ: Edward Hughes

ଦୃଷ୍ଟାନ୍ତ: Lazarus

ଉପଯୋଜକ: Ruth Klassen; Sarah S.

ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children
www.M1914.org

©2014 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ
ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।



ଯୀଶୁ ଲୋକମାନଙ୍କୁ ସଦାପ୍ରଭୁଙ୍କ କ୍ଷମା
ବିଷୟରେ କହିବାକୁ ଭଲପାଉଥିଲେ ।
କିନ୍ତୁ ଯିହୁଦୀ ଧର୍ମଗୁରୁମାନେ ତାଙ୍କର
ପାପିମାନଙ୍କ ସହିତ ବନ୍ଧୁତ୍ୱ ବିଷୟରେ
ଅନୁଯୋଗ କଲେ । ତେଣୁ ଯୀଶୁ ସେମାନଙ୍କୁ
ତିନୋଟି କାହାଣି ଦ୍ୱାରା କହିବାକୁ ଚାହିଁଲେ,
ସଦାପ୍ରଭୁ ଖୁସି ଅଟନ୍ତି ଯେତେବେଳେ
ପାପିମାନେ ନିଜ ପାପରୁ ମନ ଫେରାନ୍ତି ।

ପ୍ରଥମ କାହାଣି ଜଣେ ଲୋକଙ୍କ
ବିଷୟରେ ଥିଲା ଯାହାର ଶହେ
ମାଣ୍ଢା ଥିଲା । ସେମାନଙ୍କ
ମଧ୍ୟରୁ ଗୋଟିଏ



ହଜିଗଲା । ସଂଙ୍ଗେ ସଂଙ୍ଗେ ସେହି
ମେଷପାଳକ ଅନେଶ୍ୱତ ମାଣ୍ଢାକୁ
ପ୍ରାନ୍ତରରେ ଛାଡ଼ି ହଜିଲା
ମାଣ୍ଢାକୁ ଖୋଜିବାକୁ
ଗଲେ ।



ମେଷପାଳକ ତାହାକୁ ପାଇଲା ପର୍ଯ୍ୟନ୍ତ
ଖୋଜିଲେ । ପୁଣି ସେ ତାହାକୁ ପାଇଲେ
ନିଜ କାନ୍ଧରେ ବସାଇ ଆନନ୍ଦରେ ନିଜ
ଗୃହକୁ ବାହୁଡ଼ିଗଲେ । ସେ ନିଜର
ବନ୍ଧୁମାନଙ୍କୁ କହିଲା, ମୋ ସଂଙ୍ଗେ
ଆନନ୍ଦକର, କାରଣ ମୁଁ ମୋହର
ହଜିଲା ମେଣ୍ଢା ଫେରି ପାଇଲି ।

ଯୀଶୁ ସେମାନଙ୍କୁ ବର୍ଣ୍ଣନା କରି
କହିଲେ, ଯେତେବେଳେ ଜଣେ
ପାପି ମନ ଫେରାନ୍ତି ତେବେ
ସ୍ୱର୍ଗରେ ମହାଆନନ୍ଦ ହୁଏ ।
ମନ ଫେରାଇବାର ଅର୍ଥ
ହେଉଛି ନିଜର ପାପ
ନିମନ୍ତେ ପଶ୍ଚାତାପ କରି
ପାପ କରିବାରୁ
କ୍ଷାନ୍ତ ହେବା ।





ଯୀଶୁଙ୍କ ପରବର୍ତ୍ତୀ କାହାଣିଟି
ଏକ ସ୍ତ୍ରୀ ଙ୍କ ବିଷୟେରେ ଯାହା
ପାଖରେ ଦଶଟି ରୌପ୍ୟମୁଦ୍ରା
ଥିଲା, ହୋଇପାରେ ଏହା
ତାହାର ସାରା ଜୀବନର ସଂଚିତ
ପୁଞ୍ଜି ଅଟେ । ଏକ ଭୟଙ୍କର
ସମସ୍ୟା ହେଲା । ସେ ଗୋଟିଏ
ମୁଦ୍ରା ହଜାଇଲା ।

ଝାଡ଼ୁକଲା, ଝାଡ଼ୁକଲା, ଝାଡ଼ୁକଲା ସେହି ସ୍ତ୍ରୀ ନିଜ ଘରର
ସମସ୍ତ କୋଣରେ ଝାଡ଼ୁକରି ତାହା ଖୋଜିଲା ।



ପରିଶେଷରେ ସେ ହଜିଲା ମୁଦ୍ରା ଖୋଜି ପାଇଲା । ସେ ମହାଆନନ୍ଦ କଲା । ତୁମେ କହିପାର କି ସେ କଅଣ କଲା? ହଁ, ସେ ନିଜର ବନ୍ଧୁମାନଙ୍କୁ ସେହି ବିଷୟରେ କହିଲା ।





ପୁନର୍ବାର ଯୀଶୁ କହିଲେ,
ଜଗତରେ ଯଦି ଜଣେ
ପାପି ମନ ଫେରାନ୍ତି
ତେବେ ଦୁତମାନେ ସୁଧା
ସଦାପ୍ରଭୁଙ୍କ ସମ୍ମୁଖରେ
ଆନନ୍ଦ କରନ୍ତି ।

ଯୀଶୁଙ୍କ ତୃତୀୟ କାହାଣି ସବୁଠାରୁ ଦୁଃଖଦପୂର୍ଣ୍ଣ ଥିଲା ।
ଏହି କାହାଣି ମଧ୍ୟରେ ଜଣେ ପୁତ୍ର ନିଜ ପିତାଙ୍କ
ନିକଟରୁ ତାଙ୍କ ଗୃହ ପରିତ୍ୟଗ କରିବା ବିଷୟ
ଏଠାରେ ବର୍ଣ୍ଣନା କରାଯାଏ ।



ଦୂର ଦେଶରେ ସେହି ଯୁବକ ନିଜର ସମସ୍ତ ଧନ ମୂର୍ଖତାରେ ବ୍ୟୟ କଲେ । ବର୍ତ୍ତମାନ୍ ସେ କଅଣ କରିବେ, ସେହି ସମୟରେ ସେହି ଦେଶରେ ମହାଦୁର୍ଭିକ୍ଷ ହେଲା ଓ ତାଙ୍କ ଅବସ୍ଥା ଶୋଚନୀୟ ହୋଇଗଲା । ସେହି ଯୁବକ ଭୋକରେ ମରିପାରନ୍ତି ।



ସେ ଭୋକରେ ନିଶ୍ୱେଷ ହୋଇଗଲେ,  ସେହି ଯୁବକ ଘୁଷୁରିମାନଙ୍କୁ ଖୁଆଇବା ଚାକିରି ପାଇଲେ । ମାତ୍ର କେହି ତହାଙ୍କୁ ଖାଦ୍ୟ ଦେଲେ ନାହିଁ । ସେ ଖୁସିରେ ଘୁଷୁରିମାନଙ୍କର ଖାଦ୍ୟ ଖାଇଥାନ୍ତେ । ହୋଇପାରେ ସେ ଖାଇଲେ ମଧ୍ୟ, ପରିଶେଷରେ, ସେ ଚେତା ପାଇଲା ଓ ସେ ଭାବିଲା ନିଜ ପାତାଙ୍କ ଗୃହରେ, ଚାକରମାନେ ମଧ୍ୟ ଭଲରେ ଖାଆନ୍ତି ।





ମୁଁ ମୋର ପିତାଙ୍କ ଗୃହକୁ
ଫେରିଯିବି ଓ ପିତାଙ୍କୁ କହିବି,
ମୋହର ସମସ୍ତ ପାପ ନିମନ୍ତେ
ଦୁଃଖିତ ଅଟେ । ମୁଁ ତମ୍ଭର ପୁତ୍ର
ହେବାକୁ ଯୋଗ୍ୟ ନୁହେଁ । ବିଶ୍ୱାସ
କରେ ସେ ମୋତେ ନିଜର ଚାକର
ଭାବରେ ଗ୍ରହଣ କରିବେ ।

କିନ୍ତୁ ସେ ଦୂରରେ ଥାଉଁ ଥାଉଁ ତାହାର ପିତା ତାହାକୁ ଦେଖି ଦୟାରେ ବିଗଳିତ ହେଲେ ଓ ଦୌଡ଼ିଯାଇ ତାଙ୍କର ଫେରନ୍ତା ପୁତ୍ରଙ୍କୁ ଆଲିଙ୍ଗନ କରି ଅତି ସ୍ନେହରେ ଚୁମ୍ବନ ଦେଲେ ।





ସେ ପିତାଙ୍କୁ କହିଲା ପିତା ମୁଁ ପାପ
କଲି । ମୁଁ ତୁମ୍ଭର ପୁତ୍ର ହେବାର ମୋର
ଯୋଗ୍ୟନାହିଁ । ସେହି ଯୁବକ ନିଜ
ଘରେ ମୋତେ ଏକ ଚାକର ଭାବରେ
ରଖ ବୋଲି ପିତାଙ୍କୁ କହିବାକୁ
ଯାଉଥିଲେ । କିନ୍ତୁ ପିତା କହିବାକୁ
ଦେଲେନାହିଁ । ସବୁଠାରୁ ଭଲଲୁଗା
ଚାଞ୍ଚଳ ଘେନିଆସି ଏହାକୁ ପିନ୍ଧାଅ,
ଏହାର ପାଦରେ ପାଦୁକା ଓ ମୋହର
ପୁତ୍ରଙ୍କ ହାତରେ ମୁଦି ପିନ୍ଧାଅ ଏବଂ
ଏକ ମହା ଭୋଜର ଆୟୋଜନ କର ।

ସେଠାରେ ଏକ ଅଦ୍ଭୁତ ଧରଣର ଭୋଜ ଥିଲା କାରଣ ପୁତ୍ର ଯେ ହଜିଯାଇଥିଲା ମିଳିଲା । ଯୀଶୁ
ଏହି କାହାଣି କହିଥିଲେ କାରଣ ଏହା ସଦାପ୍ରଭୁଙ୍କ ପ୍ରେମ ଯାହାକି ପାପିମାନଙ୍କୁ ଗ୍ରହଣ କରେ,
ଯେଉଁମାନେ ନିଜ ପାପରୁ ଫେରି ମନ
ଫେରାଇ ତାଙ୍କ ନିକଟକୁ ଆସନ୍ତି ।



ଅପବ୍ୟୟୀ ପୁତ୍ର

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଲୂକ ୧୫

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

ସମାପ୍ତି

ଏହି ବାଇବଲ୍ କହାଣି ଇଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଇଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଯାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଇଶ୍ୱର ତୁମ୍ଭକୁ ଏତେ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର, ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି । ମୁଁ ମଧ୍ୟ ନୁତନ ଜୀବନ ଧାରଣ କରିପାରିବ, ଆଉ ସେହି ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ । ଯୋହନ ୩:୧୬